

# ଭୁବନେଶ୍ୱର ସିଟି





## ଆରମ୍ଭ ହେଲା ଖଣ୍ଡଗିରି
# ମହାକୁମ୍ଭ









**ଭୁବନେଶ୍ୱର,୨୫।୧(ସମିସ):** ଆରମ୍ଭ ହୋଇଛି ଖଣ୍ଡଗିରି ମାଘ ସପ୍ତମୀ କୁମ୍ଭମେଳା। ଏହି ଅବସରରେ ଚଳଚଞ୍ଚଳ ହୋଇଉଠିଛି ପାହାଡ଼ ପାଦଦେଶ। ଶହ ଶହ ସାଧୁସନ୍ଥଙ୍କ ସମାଗମ ଦେଖିବାକୁ ପ୍ରଥମ ଦିନରେ ଲୋକଙ୍କ ପ୍ରବଳ ଭିଡ଼ ଜମିଛି। ବିଭିନ୍ନ ସ୍ଥାନରୁ ଆସିଥିବା ସାଧୁସନ୍ଥମାନେ ନିଜ ନିଜ ଆସ୍ଥାନରେ ହୋମଯଜ୍ଞ ବି ଆରମ୍ଭ କରିଦେଇଛନ୍ତି। ମନ୍ତ୍ର ଉଚ୍ଚାରଣରେ ପ୍ରକମ୍ପିତ ହେଉଛି ଖଣ୍ଡଗିରି। ଅର୍କକ୍ଷେତ୍ର କୋଣାର୍କର ଚନ୍ଦ୍ରଭାଗାରେ ବୁଡ଼ ପକାଇ ଏଠାରେ ପ୍ରଭୁ ଅନନ୍ତ କେଶରୀ ଦେବଙ୍କ ଯାତ୍ରା ଅନୁଷ୍ଠିତ ହୋଇଛି। ମେଳାରେ ସାଧୁସନ୍ଥଙ୍କ ତପସ୍ୟା ଦେଖିବା ସହ ମୀନା ବଜାର ଓ ଖାଦ୍ୟଷ୍ଟଲରେ ମଧ୍ୟ ଭିଡ଼ ଜମିଛି।

ଓଡ଼ିଆ ଭାଷା ସାହିତ୍ୟ, ସଂସ୍କୃତି ବିଭାଗ ତଥା ଭୁବନେଶ୍ୱର ମହାନଗର ନିଗମ ଆନୁକୂଲ୍ୟରେ ଏହି ମେଳା ଆୟୋଜିତ ହେଉଛି। ବିଶ୍ୱ ସନାତନ ବୈଦିକ ଧର୍ମ ପରିଷଦ ଅଧ୍ୟକ୍ଷ ତଥା କୁମ୍ଭମେଳାର ଆବାହକ ବାବା ପଞ୍ଚଦେବଙ୍କ ଆବାହକତ୍ୱରେ ଜାଗମରା ପୁଷ୍କରଣୀରୁ ପୂର୍ଣ୍ଣକୁମ୍ଭ ଆଣି ଯଜ୍ଞ କୁଣ୍ଡରେ ସ୍ଥାପନ କରାଯାଇଥିଲା। କଳସ ଶୋଭାଯାତ୍ରାରେ ବରମୁଣ୍ଡା କର୍ପୋରେଟର ରାମଚନ୍ଦ୍ର ରଣସିଂ, ଯୁବ ସମାଜସେବୀ ହିମାଂଶୁ ଶେଖର ଛୋଟରାୟ ପ୍ରମୁଖ କଳସ ଶୋଭାଯାତ୍ରାରେ ସାମିଲ୍ ହୋଇଥିଲେ।

**ମନ୍ତ୍ରୋଚ୍ଚାରଣରେ କମ୍ପିଲା ପାହାଡ଼**

**ଜମିଲା ରବିବାରିଆ ଭିଡ଼**

ପରମ୍ପରା ଅନୁସାରେ, ଆଜି ସନ୍ଧ୍ୟାରେ ଦିଅଁ ସୁସଜ୍ଜିତ ବିମାନରେ ବିରାଜମାନ କରିବାପରେ ଗ୍ରାମ ପରିକ୍ରମା କରିଥିଲେ। ଏହି ଅବସରରେ ଅଧିଷ୍ଠାତ୍ରୀ ଦେବୀ ମା' ବାରଭୂଜାଙ୍କ ପୂଜାର୍ଚ୍ଚନା କରାଯାଇଥିଲା। ଏଥିପାଇଁ ମା' ବାରଭୂଜା ଉଦୟଗିରି ପାହାଡ଼ରେ ଥିବା ରାଣୀହଂସପୁରକୁ ଯାତ୍ରା କରିଥିଲେ। ବାଜା, ବାଣ, ରୋଷଣିରେ ଶୋଭାଯାତ୍ରା କରି ପ୍ରଭୁ ଅନନ୍ତ କେଶରୀ ଗ୍ରାମ ପରିକ୍ରମା କରି ରାଣୀ ହଂସପୁର ଯାଇ ରାତିରେ ନାଗା ମଠକୁ ଫେରିଥିଲେ। ପରେ ମାଘ ସ୍ନାନ କରାଯାଇ ପୂଜାର୍ଚ୍ଚନା କରାଯାଇଥିଲା। ପ୍ରଭୁ ରାଣୀହଂସପୁରରେ ବିଜେ କରିବା ପରେ ସାଧୁସନ୍ଥମାନେ ସ୍ନାନ ଓ ପାରମ୍ପରିକ ରୀତିନୀତି ଅନୁଯାୟୀ ପୂଜା ଆରମ୍ଭ କରିଥିଲେ। ମା' ବାରଭୂଜାଙ୍କ ଖଣ୍ଡ ଖିରି ଖାଇଥିଲେ। ଏହାପରେ ଅଗ୍ନିସ୍ଥାପନ କରି ଦିନ ୧୨ଟା ପରେ ହୋମଯଜ୍ଞ ଆରମ୍ଭ ହୋଇଥିଲା। ଏହାସହ ଅଖଣ୍ଡ ଧୁନି, ନାମ ଯଜ୍ଞ, ଗୀତାଜ୍ଞାନ ଯଜ୍ଞ ଆହୁତି, ନାମ ସଂକୀର୍ତ୍ତନ, ଆତ୍ମନାରାୟଣ ସେବା ଅନୁଷ୍ଠିତ ହୋଇଥିଲା। ମା' ବାରଭୂଜା ପୂଜା କମିଟି ପକ୍ଷରୁ ୯ଦିନ ଯାକ ରାମଚରିତ ମାନସ ପାରାୟଣ କରାଯିବ। ତେବେ ଏହି ସ୍ଥାନରେ ରାଧାକୁଣ୍ଡ, ଶ୍ୟାମ କୁଣ୍ଡ ଓ ଲଳିତ କୁଣ୍ଡ ରହିଛି। ପୂର୍ଣ୍ଣ କୁମ୍ଭରେ ଜଳ ଆମ୍ବଡାଳ ଦିଆଯାଇ କୁମ୍ଭମେଳା ଆରମ୍ଭ କରାଯିବା ସହ ଖଣ୍ଡଗିରିସ୍ଥିତ ହରିଓଁ ପୀଠ ପକ୍ଷରୁ ୧୦୮ଟି କୁମ୍ଭ ବସାଯାଇ ପୂଜା ବିଧି ଆରମ୍ଭ କରାଯାଇଥିଲା। ତେବେ ପ୍ରତିଥର ଭଳି ଏଥର ମଧ୍ୟ ବିଭିନ୍ନ ବାବାଙ୍କୁ ଦେଖିବାକୁ ଭକ୍ତଙ୍କ ସୁଅ ଛୁଟିଛି। ଦୂରଦୂରାନ୍ତରୁ ଭକ୍ତମାନେ ନିଜ ସମସ୍ୟା ବିଷୟରେ ବାବାଙ୍କୁ ଜଣାଇବା ସହ ସମାଧାନ ସ୍ୱରୂପ ଡେଉଁରିଆ, ବିଭୂତି ଓ ପ୍ରସାଦ ଗ୍ରହଣ କରୁଥିବା ଦେଖିବାକୁ ମିଳିଛି। ଏଥିପାଇଁ କଲେଜ ଛାତ୍ରଛାତ୍ରୀଙ୍କ ଠାରୁ ଆରମ୍ଭ କରି ବୟସ୍କ ବ୍ୟକ୍ତି ସମସ୍ତେ ବାବାଙ୍କ ବିଭିନ୍ନ ବାବାଙ୍କ ନିକଟରେ ଭିଡ଼ ଜମାଇଥିଲେ। ତେବେ ଏଥର ଆକର୍ଷଣରେ ଧଳା ବାବା, ଫୌଜି ବାବା, ଡମ୍ବରୁ ବାବା, ଭସ୍ମ ବାବା, ଅଘୋରୀ ବାବା, ଷ୍ଟାଣ୍ଡିଂ ବାବା, ଡାକ୍ତର ବାବା ରହିଛନ୍ତି।



### ମେଳା ଆରମ୍ଭରୁ ଫୁଡ୍‌କୋର୍ଟରେ ଭିଡ଼

ମେଳା ଆରମ୍ଭରୁ ଏବଂ ରବିବାରିଆ ଛୁଟି ଥିବାରୁ ଖାଇବା ଷ୍ଟଲରେ ଅଧିକ ଭିଡ଼ ଦେଖିବାକୁ ମିଳିଛି। ଭଳିକିଭଳି ଫାଷ୍ଟଫୁଡର ମଜା ନେଉଛନ୍ତି ଲୋକ। ବିଭିନ୍ନ ଜିଲ୍ଲାର ପ୍ରସିଦ୍ଧ ଖାଇବା ଷ୍ଟଲ୍ ମେଳାରେ ଲାଗିଛି। ପୁରୀର ମଟର ସୁପ୍ ହେଉ କି କଟକର ଠୁଙ୍କାପୁରୀ ସବୁ ଷ୍ଟଲ୍‌ରେ ଭିଡ଼ ଜମୁଛି। ସେହିପରି ଲୋକଙ୍କୁ ଆକୃଷ୍ଟ କରିବାକୁ ଭଳିକିଭଳି ଅଫର ଦେଇ ଆକର୍ଷିତ କରୁଛନ୍ତି ବ୍ୟବସାୟୀ। କିଏ ଗୋଟେରେ ଗୋଟେ ଫ୍ରି ଅଫର ଦେଇ ଡାକୁଛନ୍ତି ତ କିଏ ଦୁଇଟାରେ ଗୋଟେ।

### ମହିଳାଙ୍କୁ ଆକର୍ଷିତ କରୁଛି ୫ ଟଙ୍କାର ହରେକମାଲ



ମେଳା ମହୋତ୍ସବରେ ସବୁ ମହିଳା ତଥା ଗୃହିଣୀଙ୍କ ଆଖି ପ୍ରଥମେ ହରେକ୍‌ମାଲ ସାମଗ୍ରୀ ଉପରେ ପଡିଥାଏ। ସେ ପୁଣି ଯେତେ କମ୍ ସେତେ ଭିଡ। ସେହିପରି ଖଣ୍ଡଗିରି ମେଳାରେ ମଧ୍ୟ ୫ ଟଙ୍କିଆ ହରେକ୍‌ମାଲ ପାଖରେ ମହିଳାମାନେ ପସନ୍ଦର ଜିନିଷ ବାଛିବା ପାଇଁ ଗହଳି କରୁଛନ୍ତି। ଛୁଞ୍ଚିଠୁ ଆରମ୍ଭକରି ଅନ୍ୟ ଘରୋଇ ଉପକରଣ ୫ ଟଙ୍କାରେ କିଣି ନେଉଛନ୍ତି।

# କାଲିଠୁ ଦୁଲୁକିବ ଯାତ୍ରାମଞ୍ଚ

## ଆରମ୍ଭରୁ ଦୈତାରୀ-ପୀୟୁଷ ଲଢ଼େଇ

**ଭୁବନେଶ୍ୱର,୨୫।୧(ସମିସ):**

ରବିବାରଠାରୁ ଖଣ୍ଡଗିରି ପାଦଦେଶରେ ମାଘ ମେଳା ଆରମ୍ଭ ହୋଇଥିବାବେଳେ ମଙ୍ଗଳବାର ଠାରୁ ଯାତ୍ରା ମହାକୁମ୍ଭ ଆରମ୍ଭ ହୋଇଯିବ। ନାଟକ ପରିବେଷଣ ହେବାକୁ ଥିବାରୁ ଖଣ୍ଡଗିରି ବେଶ ଉତ୍ସବମୁଖର ହୋଇଉଠିଛି। ମୋଟ ୭ଟି ପେଣ୍ଡାଲ ମାଧ୍ୟମରେ ୧୫ଟି ଅପେରା ପାର୍ଟି ଖଣ୍ଡିଗିରି ମହାସମରରେ ସାମିଲ ହେବେ। ପ୍ରଥମ ପର୍ଯ୍ୟାୟରେ ୪ଟି ଓ ଦ୍ୱିତୀୟ ପର୍ଯ୍ୟାୟରେ ବାକି ପେଣ୍ଡାଲରେ ଯାତ୍ରା ପରିବେଷିତ ହେବ। ପ୍ରଥମ ପର୍ଯ୍ୟାୟରେ ଅଶୋକ ସମ୍ରାଟ, ଧଉଳି ଗଣନାଟ୍ୟ, କୋଣାର୍କ ଗଣନାଟ୍ୟ ଓ ଅପେରା ସିଂହବାହିନୀ ମଇଦାନକୁ ଓହ୍ଲାଇବେ। କୋଣାର୍କର ଦୈତାରୀ ଓ ସିଂହବାହିନୀର ପୀୟୁଷ ତ୍ରିପାଠୀଙ୍କୁ ଖଳନାୟକ ଭୂମିକାରେ ଦେଖିବାକୁ ଦର୍ଶକଙ୍କ ଭିଡ଼ ଜମିବ।

ହରେକୃଷ୍ଣ ମହତାବ ପେଣ୍ଡାଲରେ ଅପେରା ଅଶୋକ ସମ୍ରାଟ ଖଣ୍ଡଗିରି ମଇଦାନରେ ପାଦ ଥାପିବ। ପ୍ରଦୀପ ବେହେରାଙ୍କ ରଚିତ ଓ ନିର୍ଦ୍ଦେଶିତ 'ଅଧା ରହିଗଲା ଆମ କାହାଣୀ' ଦର୍ଶକଙ୍କୁ ଭେଟି ଦେବ। ନାୟକ-ନାୟିକା ଯୋଡ଼ି ମିଲନ ଓ ସାରାଙ୍କ ଅଭିନୟ ସାଙ୍ଗକୁ ଖଳନାୟକ ମନୋଜ ଏବଂ ଗଣେଶ ଓ ନୃସିଂହଙ୍କ କମେଡି ଦେଖିବାକୁ ମିଳିବ। ସନାତନ ସେବା ସମିତି ପେଣ୍ଡାଲରେ କୋଣାର୍କ ଗଣନାଟ୍ୟ 'ତୁ ମୋ ଭାଗ୍ୟରେ ନାହୁଁ' ନାଟକ ପରିବେଷଣ କରିବ। ଡଃ ଦୀପକ ଜେନାଙ୍କ ରଚିତ ଓ ଗୁରୁ ପ୍ରସାଦ ମିଶ୍ରଙ୍କ ନିର୍ଦ୍ଦେଶିତ ଏହି ବହିରେ ନାୟକ ଜିତୁ, ନାୟିକା ପୂଜାଙ୍କ ଅଭିନୟ ଓ ନାୟିକା ପିଙ୍କିଙ୍କ ଯୋଡ଼ି ସହ ଚଗନ, ଶଶି ଓ ଧଡ଼ିଆଙ୍କ କମେଡି ଦେଖିବାକୁ ମିଳିବ। କୋର୍ଟ କଟକଣା ହଟିବା ପରେ ଚର୍ଚ୍ଚିତ ଖଳନାୟକ ପୀୟୁଷଙ୍କୁ ଖଣ୍ଡଗିରି ମଇଦାନରେ ଦେଖିବାକୁ ମିଳିବ।




ଖଳନାୟକ ଭୂମିକାରେ ଦୈତାରି ପଣ୍ଡାଙ୍କ ଦମ୍‌ଦାର୍ ଡାଇଲଗ୍ ଶୁଣିବାକୁ ମିଳିବ। ସେହିପରି ଇନ୍ଦିରା ସାଂସ୍କୃତିକ ପରିଷଦ ମଞ୍ଚରେ ଅପେରା ସିଂହବାହିନୀ ଦୀପକ ଜେନାଙ୍କ ରଚିତ ଓ ମହେଶ ହାଜରାଙ୍କ ନିର୍ଦ୍ଦେଶିତ ଚର୍ଚ୍ଚିତ ନାଟକ 'ତୁ ମୋ ବଜରଙ୍ଗୀ' ନାଟକ ପରିବେଷଣ କରିବ। ନାୟକ ବବୁଲ-

ସେପଟେ ଅନନ୍ତ କେଶରୀ ଦେବ ପେଣ୍ଡାଲରେ ଧଉଳି ଗଣନାଟ୍ୟ 'ଚଣ୍ଡାଶୋକ' ନାଟକ ପରିବେଷଣ କରିବ। ହର ବାରିକଙ୍କ ରଚିତ ଓ ନିର୍ଦ୍ଦେଶିତ ଏହି ନାଟକରେ ନାୟକ ଭୂମିକାରେ ରୁଦ୍ର, ନାୟିକା ଭୂମିକାରେ ସ୍ମରଣିକା ଓ ଖଳନାୟକ ଭୂମିକାରେ ଲକ୍ଷ୍ମୀଧରଙ୍କ ଅଭିନୟ ଦେଖିବାକୁ ମିଳିବ।

## ଜଗିବେ ୧୩ ପ୍ଲାଟୁନ୍ ପୁଲିସ ଫୋର୍ସ

ଖଣ୍ଡଗିରି ମେଳା ଓ ଯାତ୍ରାକୁ ଦୃଷ୍ଟିରେ ରଖି ସୁରକ୍ଷା ବ୍ୟବସ୍ଥାକୁ ବ୍ୟାପକ କରାଯାଇଛି। ମୋଟ ୧୩ ପ୍ଲାଟୁନ୍ ପୁଲିସ ଫୋର୍ସ ମୃତୟନ କରାଯିବାକୁ ବ୍ୟବସ୍ଥା କରାଯାଇଛି। ଜଣେ ଅତିରିକ୍ତ ଡିସିପି, ଜଣେ ଏସିପି, ୩ ଜଣ ଇନ୍ସପେକ୍ଟର ଓ ୨୭ ଜଣ ଏସ୍ଆଇ/ଏଏସ୍ଆଇଙ୍କୁ ନିୟୋଜିତ ହୋଇଛନ୍ତି। ଗୋଟିଏ ପ୍ଲାଟୁନ୍ ସାଦା ପୋଷାକଧାରୀ ପୁଲିସ ଭିଡ଼ ସ୍ଥାନରେ ପଇଁତରା ମାରିବାକୁ ବ୍ୟବସ୍ଥା ହୋଇଥିବାବେଳେ ମହିଳା ପୁଲିସ ମଧ୍ୟ ମୁତୟନ ହୋଇଛନ୍ତି। ଖଣ୍ଡଗିରି ଓ ଉଦୟଗିରି ପାହାଡ଼ ଉପରକୁ ଜନ ସମାଗମ ବୃଦ୍ଧି ଘଟିଛି। ଏହାକୁ ଦୃଷ୍ଟିରେ ରଖି ସିସିଟିଭି ଲଗାଯାଇଛି। ନିକାଞ୍ଚନ ସ୍ଥାନରେ କଡ଼ା ପାଟ୍ରୋଲିଂ କରାଯିବା ସହ ଆପରାଧିକ କାର୍ଯ୍ୟକଳାପ ଉପରେ ନଜର ରଖିବ ପୁଲିସ। ବିଶେଷକରି ପକେଟମାରଙ୍କ ଉପରେ ତୀକ୍ଷ୍ଣ ନଜର ରଖାଯିବ ବୋଲି ଜୋନ୍ ଏସିପି ତାପସ ପ୍ରଧାନ କହିଛନ୍ତି। ସେପଟେ ଲୋକମାନ ଯେତେବେଳେ ମେଳା ଭିତରକୁ ଆସୁଛନ୍ତି, ନିଜ ଦାମୀ ଜିନିଷ ଦାୟିତ୍ୱରେ ରଖିବା ପାଇଁ ସେ ଅନୁରୋଧ କରିଛନ୍ତି। ଅନ୍ୟସ୍ଥାନରେ ଗାଡ଼ି ରଖିଲେ ଚୋରି ହେବାର ସମ୍ଭାବନା ରହିଥିବାରୁ କେବଳ ପାର୍କିଂ ସ୍ଥାନରେ ଗାଡ଼ି ରଖିବାକୁ କୁହାଯାଇଛି। ସେପଟେ ଯାତ୍ରାରେ ଅଶ୍ଳୀଳ ଓ ଉତ୍ତେଜକ ନୃତ୍ୟ ନ କରିବାକୁ ଯାତ୍ରା କମିଟି ଓ ପୁଲିସ ମଧ୍ୟରେ ଆଲୋଚନା ହୋଇଛି।

## ପୁଲିସର ୧୪ ସୂତ୍ରୀ ନିୟମାବଳୀ

ନାଟକ ପରିବେଷଣ ବ୍ୟବସ୍ଥାକୁ ଶୃଙ୍ଖଳିତ କରିବା ଲାଗି ୧୪ ସୂତ୍ରୀ ନିୟମାବଳୀ ଜାରି କରିଛି ପୁଲିସ। ଯାତ୍ରା ପରିବେଷଣ ସମୟରେ କୌଣସି ପ୍ରକାର ନଗ୍ନ ନୃତ୍ୟ କିମ୍ବା ଉତ୍ତେଜକ ଦୃଶ୍ୟ ନିଷିଦ୍ଧ କରାଯାଇଥିବା ବେଳେ ଦର୍ଶକଙ୍କ ପାଇଁ ଉଦ୍ଦିଷ୍ଟ ଚୌକି ମଧ୍ୟରେ ଉପଯୁକ୍ତ ଦୂରତା ଓ ଯାତାୟତ ପାଇଁ ରାସ୍ତା ରଖିବେ। ଯାତ୍ରା ପେଣ୍ଡାଲ ନିକଟରେ ୬ଟି ଜରୁରିକାଳୀନ ପ୍ରବେଶ ଓ ପ୍ରସ୍ଥାନ ପଥ ରଖିବାକୁ ନିୟମରେ ଉଲ୍ଲେଖ ରହିଛି। ନାଟକ ପରିବେଷଣ ସମୟରେ କୌଣସି ଧର୍ମ, ସଂପ୍ରଦାୟ କିମ୍ବା ଜାତିକୁ ନେଇ ଆକ୍ଷେପ କରିବା ଭଳି ଦୃଶ୍ୟ ପରିବେଷଣ କରିବାକୁ ବାରଣ କରାଯାଇଛି। ଏଥିସହିତ କୌଣସି ଜୀବଜନ୍ତୁଙ୍କୁ କ୍ଷତି ପହଞ୍ଚାଇବା ଭଳି ଦୃଶ୍ୟ ପ୍ରଦର୍ଶନ ହେବନାହିଁ। ପ୍ରତ୍ୟକ ଯାତ୍ରା କମିଟି ଦର୍ଶକମାନଙ୍କ ସୁବିଧା ପାଇଁ ଯଥେଷ୍ଟ ପରିମାଣର ସ୍ୱେଚ୍ଛାସେବୀ ରଖିବେ। ପୁଲିସ ପକ୍ଷରୁ ପ୍ରାପ୍ତ ଅନୁମତି ଅନୁଯାୟୀ ଚୌକି ପକାଇବାକୁ କୁହାଯାଇଛି। ଅଘଟଣକୁ ଆଖିଆଗରେ ରଖି ପର୍ଯ୍ୟାପ୍ତ ପରିମାଣରେ ଅଗ୍ନି ନିର୍ବାପକ ସରଞ୍ଜାମ ରଖିବାକୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି। ପାର୍କିଂ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଯାତ୍ରା ପଡ଼ିଆରେ କୌଣସି ଯାନବାହନ ରଖିବାକୁ ବାରଣ କରାଯାଇଥିବା ବେଳେ କମିଟି ପକ୍ଷରୁ ପଡ଼ିଆ ମଧ୍ୟରେ କୌଣସି ଫେରିବାଲାଙ୍କୁ ଦୋକାନ କରିବାକୁ ଅନୁମତି ଦେବେ ନାହିଁ ବୋଲି ନିର୍ଦ୍ଦେଶ ଦିଆଯାଇଛି।

ପ୍ରସ୍ଥାନ ରାସ୍ତାରେ କୌଣସି ଟିଣ କିମ୍ବା ଅନ୍ୟ ଜିନିଷ ଆବଦ୍ଧ କରିପାରିବେ ନାହିଁ। ଯାତ୍ରା ପଡ଼ିଆ ପରିସର ମଧ୍ୟରେ କୌଣସି ମାଦକ ଦ୍ରବ୍ୟ କିମ୍ବା ଜୁଆ ଖେଳକୁ ପ୍ରଶୟ ଦିଆଯିବ ନାହିଁ ଏବଂ ଯାତ୍ରା ପରିବେଷଣ ସମୟରେ ନିର୍ଦ୍ଧାରିତ ଡେସିବିଲ୍ ମଧ୍ୟରେ ଶବ୍ଦ କରିବାକୁ ନିର୍ଦ୍ଦେଶ ରହିଛି।

# ଡକାୟତି ଗ୍ୟାଙ୍ଗର ୪ ଗିରଫ
## ଅଟୋ ଚାଳକଙ୍କୁ ମାଡ଼ମାରି ଲୁଟିଥିଲେ

**ଭୁବନେଶ୍ୱର,୨୫।୧(ସମିସ):** ଅଟୋ ଚାଳକଙ୍କ ଠାରୁ ଲୁଟ୍ ଘଟଣାରେ ଡକାୟତି ଗ୍ୟାଙ୍ଗର ୪ ସଦସ୍ୟଙ୍କୁ ଗିରଫ କରିଛି ନୂଆପଲ୍ଲୀ ଥାନା ପୁଲିସ। ଗିରଫ ଅଭିଯୁକ୍ତମାନେ ହେଲେ ନୂଆପଲ୍ଲୀ ଭୋଇ ସାହିର କୃଷ୍ଣ ଭୋଇ ଓରଫ୍ ନନ୍ଦୁ (୧୯), ବଳରାମ ଭୋଇ ଓରଫ୍ ନେପୁ (୨୦), ସାଲିଆ ସାହିର ପି ବାସୁଦେବ ରେଡ୍ଡୀ ଓରଫ୍ ଗଣେଶ (୨୧) ଓ ଶଙ୍କର ନାୟକ ଓରଫ୍ ଟେରୁ (୨୧)। ପୁଲିସ ସୂଚନାନୁସାରେ, ଗତମାସ ୨୯ ତାରିଖ ରାତିରେ ଜଣେ ଅଜଣା ବ୍ୟକ୍ତି ଆଇଜି ପାର୍କ ନିକଟରୁ ପିପିଲିର ଅଟୋ ଚାଳକ ସୁରଜ ଖାନଙ୍କ ଗାଡ଼ିକୁ ଭଡ଼ା କରି ନୂଆପଲ୍ଲୀ ଅଞ୍ଚଳକୁ ଆସିଥିଲା। ୟୁପିଆଇ କାମ କରୁନଥିବାବେଳେ ଟଙ୍କା ନଥିବା କହି ଭୋଇ ସାହି ଭିତରକୁ ନେଇ ଯାଇଥିଲା। ସେଠାରେ ପୂର୍ବ ଯୋଜନା ମୁତାବକ ଛକି ରହିଥିବା ନନ୍ଦୁ, ନେପୁ, ଗଣେଶ, ଟେରୁ ଓ ସହଯୋଗୀମାନେ ସୁରଜଙ୍କୁ ଜୋରଜବରଦସ୍ତି ଏକ ଭଙ୍ଗା ଘରକୁ ଟାଣି ନେଇଥିଲେ। ଭଙ୍ଗା କାଚ ଖଣ୍ଡ, ଛୁରି, ଖଣ୍ଡା ଓ ପିସ୍ତଲ ଦେଖାଇ ଭୟଭୀତ କରି ୧୦ ହଜାର ଟଙ୍କା ଛଡ଼ାଇ ନେଇଥିଲେ। ଏଥିସହିତ ୟୁପିଆଇ ମାଧ୍ୟମରେ ୩୬୫୦ ଟଙ୍କା, ଗୋଟିଏ ମୋବାଇଲ୍ ଫୋନ୍,



ଗୋଟିଏ ସୁନା ମୁଦି ଓ ଗୋଟିଏ ସୁନା ଚେନ୍ ଲୁଟ୍ କରି ଘଟଣାସ୍ଥଳରୁ ପଳାଇଯାଇଥିଲେ। ସୁରଜ ଏନେଇ ନୂଆପଲ୍ଲୀ ଥାନାରେ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରିଥିଲା। ସିସିଟିଭି ଫୁଟେଜ ଯାଞ୍ଚ ଓ ୟୁପିଆଇ କାରବାର ମାଧ୍ୟମରେ ଘଟଣାସ୍ଥଳକୁ ଚିହ୍ନଟ କରିଥିଲା। ଘଟଣା ସମୟରେ ଅଭିଯୁକ୍ତମାନେ ଏକ ଭିଡିଓ ଉତ୍ତୋଳନ କରିଥିଲେ, ସେହି ଭିଡିଓ ଆଧାରରେ ସେମାନଙ୍କୁ ଚିହ୍ନଟ କରିଥିଲା। ଘଟଣା ପରଠାରୁ କିଛି ଅଭିଯୁକ୍ତ ରାଜ୍ୟ ବାହାରକୁ ପଳାଇଥିଲେ। ରବିବାର ରାଜ୍ୟ ବାହାରୁ ଫେରୁଥିବା ବେଳେ ନୂଆପଲ୍ଲୀ ଥାନା ପୁଲିସ ମାଷ୍ଟରକ୍ୟାଣ୍ଟିନ୍ ନିକଟରୁ ନନ୍ଦୁ ଓ ନେପୁକୁ ଗିରଫ କରିଥିଲା। ସେମାନଙ୍କ ଠାରୁ ମିଳିଥିବା ସୂଚନା ଅନୁସାରେ ଗଣେଶ ଓ ଟେରୁକୁ ଉଠାଇ ଆଣିଥିଲା। ସମସ୍ତ ଅଭିଯୁକ୍ତଙ୍କ ଠାରୁ ମୋବାଇଲ ଫୋନ ଜବତ ହୋଇଥିଲା। ଗତବର୍ଷ ଅକ୍ଟୋବର ମାସ ୧୯ ତାରିଖ ଦିନ କେୟାର ହସ୍ପିଟାଲ୍ ନିକଟରେ ଘଟିଥିବା ଅନ୍ୟ ଏକ ଡକାୟତି ମାମଲାରେ ମଧ୍ୟ ଏହି ଗ୍ୟାଙ୍ଗର ସମ୍ପୃକ୍ତି ଥିବା ଅଭିଯୁକ୍ତମାନେ ପୁଲିସ ଆଗରେ ସ୍ୱୀକାର କରିଥିଲେ।

## ଯୁବକଙ୍କୁ ଗୋଡ଼ାଇ ହାଣିଲେ; ୩ ଗିରଫ, ୫ ଫେରାର

**ଭୁବନେଶ୍ୱର,୨୫।୧(ସମିସ):** ସାମାନ୍ୟ ବଚସାକୁ ନେଇ ଯୁବକଙ୍କୁ ଗୋଡ଼ାଇ ଗୋଡ଼ାଇ ଖଣ୍ଡାରେ ହାଣିଛନ୍ତି ଦୁର୍ବୃତ୍ତ। ଏ ନେଇ ଅଭିଯୋଗକାରୀ ବିଶ୍ୱନାଥ ଜେନା ମଞ୍ଚେଶ୍ୱର ଥାନାରେ ରିପୋର୍ଟ କରିଥିଲେ। ରିପୋର୍ଟ ଆଧାରରେ ପୁଲିସ ମାମଲା ରୁଜୁକରି ରବିବାର ୩ ଜଣ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଉଛନ୍ତି, ସମେଇଗାଡ଼ିଆର ପ୍ରତୀକ ବିଶ୍ୱାଳ (୨୪), ସତ୍ୟନାରାୟଣ ଜେନା (୨୦) ଓ ଅଶୋକ ପିଙ୍ଗୁଆ। ଅଭିଯୋଗ ଅନୁଯାୟୀ, ଶନିବାର ରାତିରେ ସେ ନୂଆବ୍ରିଜ୍ ନିକଟସ୍ଥ ଏକ ଫାଷ୍ଟଫୁଡ୍ ଦୋକାନ ଆଡ଼କୁ ଯାଉଥିବା ବେଳେ, ତାଙ୍କୁ କିଛି ବ୍ୟକ୍ତି ଆକ୍ରମଣ କରିଥିଲେ। ଫଳରେ ତାଙ୍କ ମୁଣ୍ଡରେ ଗୁରୁତର ଆଘାତ ଲାଗିଥିଲା। ପରେ ତାଙ୍କୁ ପ୍ରଥମେ କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା ଏବଂ ଅବସ୍ଥା ଗୁରୁତର ଥିବାରୁ ଉନ୍ନତ ଚିକିତ୍ସା ପାଇଁ ଭୁବନେଶ୍ୱର ଏମ୍ସକୁ ରେଫର କରାଯାଇଥିଲା। ଏନେଇ ମଞ୍ଚେଶ୍ୱର ଥାନାରେ ଅଭିଯୋଗ ହୋଇଥିଲା। ଅଭିଯୋଗ ପରେ ପୁଲିସ ମାମଲା ରୁଜୁକରି ଅଭିଯୁକ୍ତମାନଙ୍କୁ ଗିରଫ କରିଛି।

## ପୂର୍ବ ବିବାଦରୁ କଟୁରି ଚୋଟ; ଜଣେ ଗିରଫ



**ଭୁବନେଶ୍ୱର,୨୫।୧(ସମିସ):** ପୂର୍ବ ବିବାଦକୁ ନେଇ କଟୁରିରେ ଆକ୍ରମଣ କରିଥିବା ଅଭିଯୋଗରେ ଜଣଙ୍କୁ ଗିରଫ କରିଛି କ୍ୟାପିଟାଲ ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ଶିଶୁଭବନ ଛକରେ ରହୁଥିବା ମଦନମୋହନ ନାୟକ (୫୪)। ପୁଲିସ ସୂଚନାନୁଯାୟୀ, ଗତ ୨୧ ତାରିଖ ସନ୍ଧ୍ୟାରେ ବିଜୟ ନାୟକ ଓ ତାଙ୍କ ମାଆ ଶିଶୁ ଭବନ ଛକ ସ୍ଥିତ ନିଜ ଫାଷ୍ଟଫୁଡ୍ ଦୋକାନରେ ଥିବାବେଳେ ମଦନ ଏକ ଭୋଜିର ଆୟୋଜନ କରି ସେମାନଙ୍କୁ ନିମନ୍ତ୍ରଣ କରିଥିଲା। ଖାଇବା ସମୟରେ ଖାଦ୍ୟର ଉପଲବ୍ଧତାକୁ ନେଇ ଏକ ମୌଖିକ ବିବାଦ ସୃଷ୍ଟି ହୋଇଥିଲା। ପରିବାର ସଦସ୍ୟମାନେ ହସ୍ତକ୍ଷେପ କରି ସେହି ବିବାଦକୁ ସମାଧାନ କରିଥିଲେ। ହେଲେ ଶୁକ୍ରବାର ରାତିରେ ମଦନ ଓ ଟିକି ଏହାକୁ କେନ୍ଦ୍ରକରି ବିଜୟଙ୍କ ଦୋକାନ ଭଙ୍ଗାରୁଜା କରିଥିଲେ। ବିଜୟ ଏ ନେଇ ପଚାରିବାରୁ ଟିକି ଓ ମଦନ ମିଶି ତାଙ୍କୁ ଆକ୍ରମଣ କରିଥିଲେ। ଅଭିଯୁକ୍ତମାନେ ତାଙ୍କୁ ତଳେ ପକାଇ କଟୁରିରେ ଆକ୍ରମଣ କରିଥିଲେ। ଫଳରେ ତାଙ୍କ ମୁଣ୍ଡ ସହିତ ଶରୀରର ଅନ୍ୟାନ୍ୟ ଅଂଶରୁ ରକ୍ତସ୍ରାବ ହୋଇଥିଲା। ବିଜୟଙ୍କ ଅଭିଯୋଗ କ୍ରମେ କ୍ୟାପିଟାଲ ଥାନା ପୁଲିସ ଏକ ମାମଲା ରୁଜୁ କରିବା ସହ ମଦନକୁ ଗିରଫ କରି କୋର୍ଟ ଚାଲାଣ କରିଛି।

**'ଆମ ବସ୍' ଭଙ୍ଗାରୁଜା ମାମଲା**
## ଗିରଫ ସଂଖ୍ୟା ୩କୁ ବୃଦ୍ଧି

**ଭୁବନେଶ୍ୱର,୨୫।୧(ସମିସ):** 'ଆମ ବସ'କୁ ଭଙ୍ଗାରୁଜା କରିବା ଅଭିଯୋଗରେ କ୍ୟାପିଟାଲ ଥାନା ପୁଲିସ ଅଭିଯୁକ୍ତଙ୍କୁ ଗିରଫ କରିବା ପ୍ରକ୍ରିୟା ଜାରି ରଖିଛି। ଏହିକ୍ରମରେ ପୁଲିସ ଶନିବାର ୨ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଥିବାବେଳେ ରବିବାର ଆଉ ଜଣଙ୍କୁ ଗିରଫ କରିଛି। ରବିବାର ଗିରଫ ହୋଇଥିବା ଅଭିଯୁକ୍ତ ଜଣଙ୍କ ହେଉଛନ୍ତି, ସିଲୁ ଦିଗଲ (୨୦) ଓ ତାଙ୍କ ଘର କାଳୀବାଡି ବସ୍ତିରେ ବୋଲି ଜଣାପଡିଛି। ଏ ନେଇ ବସ୍ ଡ୍ରାଇଭର ଗୌରୀ ଶଙ୍କର ନାୟକ କ୍ୟାପିଟାଲ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକାରୀଙ୍କ ସୂଚନା ଅନୁଯାୟୀ, ଗତ ୨୩ ତାରିଖରେ ସେ ନରାଜ ଡିପୋରୁ କଟକର ସେଟେଲମେଣ୍ଟ ଅଫିସ ଦେଇ କ୍ୟାପିଟାଲ ହସ୍ପିଟାଲ ଅଭିମୁଖେ ଆମ ବସ୍ ଚଲାଉଥିବା ସମୟରେ ଭୁବନେଶ୍ୱରସ୍ଥିତ ଅଶୋକ ନଗରର ରେମଣ୍ଡ ସୋରୁମ୍ ନିକଟରେ ପହଞ୍ଚିଥିଲେ। ସେହି ସମୟରେ ବାଇକ ରଙ୍ଗ୍ ରୁଟ୍‌ରେ ଆସି ବସ୍‌ର ଡାହାଣ ପାଶ୍ୱର୍ରେ ଘସି ହୋଇଯାଇଥିଲା। ଯାହାରଫଳରେ ବାଇକ୍‌ଟି ତଳକୁ ଖସି ପଡ଼ିଥିଲା। ଏହା ପରେ ସ୍ଥାନୀୟ ବାସିନ୍ଦା ଏବଂ ଅଟୋ ଚାଳକମାନଙ୍କ କିଛି ସତ୍ୟତା ନ ଜାଣି ବହୁ ସଂଖ୍ୟକ ଜନସାଧାରଣ ଘଟଣାସ୍ଥଳରେ ଏକତ୍ରିତ ହୋଇ ବସ୍ ଡ୍ରାଇଭରଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ, ଭୟଙ୍କର ପରିଣାମ ଦେବାକୁ ଧମକ ଦେଇଥିଲେ ଏବଂ ବସ୍ ଉପରେ ଇଟା, ପଥର ଓ ଅନ୍ୟାନ୍ୟ ଫୋପାଡି ଥିଲେ। ଏହାର ଫଳରେ ବସ୍‌ର ୱିଣ୍ଡସିଲ୍ଡ, ଝରକାର କିଛି ଅଂଶ କ୍ଷତିଗ୍ରସ୍ତ ହୋଇଥିଲା। ଆକ୍ରମଣ ଘଟଣାରୁ ବସ୍‌ରେ ଯାତ୍ରା କରୁଥିବା ଯାତ୍ରୀମାନଙ୍କ ମଧ୍ୟରେ ଆତଙ୍କ ସୃଷ୍ଟି ହୋଇଥିଲା ଏବଂ ସେମାନଙ୍କ ମଧ୍ୟରୁ କିଛି ଯାତ୍ରୀ ସାମାନ୍ୟ ଆହତ ହୋଇଥିଲେ।



# ଭୁବନେଶ୍ୱର ସିଟି

## ଶ୍ରୀରାମ ମନ୍ଦିର ଟ୍ରଷ୍ଟ ବୋର୍ଡ ନିଷ୍ପତ୍ତି

# ଦୁଇ ପୂଜକଙ୍କୁ ୫ ହଜାର ଟଙ୍କା ଜୋରିମାନା

**ପୁନରାବୃତ୍ତି ଘଟିଲେ ସେବାପୂଜାରୁ ବହିଷ୍କାର**

**୩ ନୂଆ ପୂଜକ, ୩ ସୁରକ୍ଷାକର୍ମୀ ଓ ଜଣେ ରୋଷେୟା ନିଯୁକ୍ତ**

**୫ ଦୋକାନୀଙ୍କୁ ୧୫ଦିନିଆ ନୋଟିସ୍**

**ଚୁକ୍ତିପତ୍ର ନକଲେ ଉଚ୍ଛେଦ ନିର୍ଦ୍ଦେଶ**

ଭୁବନେଶ୍ୱର,୨୫।୧(ସମିସ): ୟୁନିଟ-୩ ଖାରବେଳନଗରସ୍ଥିତ ଶ୍ରୀରାମ ମନ୍ଦିର ଟ୍ରଷ୍ଟବୋର୍ଡ ବୈଠକ ଅନୁଷ୍ଠିତ ହୋଇଛି। ଟ୍ରଷ୍ଟବୋର୍ଡର ସଭାପତି ତଥା ଅବସରପ୍ରାପ୍ତ ଜିଲା ଜଜ୍ ବିରଞ୍ଚି ରଥଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ବହୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ଆଲୋଚନା ହୋଇଥିଲା।

ଗତ ୨୦ ତାରିଖରେ ମନ୍ଦିର ପୂଜକ ମହାରୁଦ୍ର ଝା ଓ ଶିବ କୁମାର ମିଶ୍ର ମନ୍ଦିରର ତାଲା ଭାଙ୍ଗିବା ଏବଂ ସୁରକ୍ଷାକର୍ମୀଙ୍କୁ ହତ୍ୟା ଧମକ ଦେବା ଅଭିଯୋଗରେ କାର୍ଯ୍ୟନିର୍ବାହୀ ଅଧିକାରୀ ଖାରବେଳନଗର ଥାନାରେ ଅଭିଯୋଗ କରିଥିଲେ। ପୁଲିସ ଅଭିଯୋଗ ପାଇ ଘଟଣାର ତଦନ୍ତ ଚାଲୁ ରଖିଛି। କିନ୍ତୁ ଟ୍ରଷ୍ଟବୋର୍ଡ ପୂଜକଙ୍କ ଏଭଳି ଆଚରଣକୁ ନିନ୍ଦା କରିବା ସହ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ଆଦେଶ ଅମାନ୍ୟ ଅଭିଯୋଗରେ ଦୁଇ ପୂଜକଙ୍କୁ ୫ ହଜାର ଟଙ୍କା ଲେଖାଏଁ ଜରିମାନା ଦେବାକୁ ନିଷ୍ପତ୍ତି ନେଇଛି। ଏହା ସହିତ ଦୁଇ ପୂଜକଙ୍କୁ ସୂଚୀତ କରାଯାଇଛି କି, ଭବିଷ୍ୟତରେ ଏପରି କାର୍ଯ୍ୟର ପୁନରାବୃତ୍ତି ଘଟିଲେ କୌଣସି କାରଣ ଦର୍ଶାଅ ନୋଟିସ ନଦେଇ ତାଙ୍କୁ ସମସ୍ତ ସେବାପୂଜାରୁ ବହିଷ୍କାର କରାଯିବ। ଏହାବ୍ୟତୀତ ମନ୍ଦିରର ସୁରକ୍ଷା ଏବଂ ନିରାପତ୍ତାକୁ ଦୃଷ୍ଟିରେ ରଖି ୩ ନୂଆ ସୁରକ୍ଷାକର୍ମୀ ଓ ମନ୍ଦିରରେ ଦିଅଁଙ୍କ ପୂଜା ଓ ନୀତିକାନ୍ତି ଶୃଙ୍ଖଳିତ କରିବା ପାଇଁ ୩ ନୂଆ ପୂଜକ ଓ ଜଣେ ରୋଷେଇଆଙ୍କୁ ନିଯୁକ୍ତି ପାଇଁ ଟ୍ରଷ୍ଟବୋର୍ଡ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ଏହାବ୍ୟତୀତ ମନ୍ଦିର ବାହାର ଚତୁଃପାର୍ଶ୍ୱରେ ଭଡ଼ାରେ ଲାଗିଥିବା ଦୋକାନୀଙ୍କୁ ଚୁକ୍ତିପତ୍ର କରିବାକୁ ପୂର୍ବ ଟ୍ରଷ୍ଟବୋର୍ଡ ବୈଠକରେ ନିଷ୍ପତ୍ତି ନିଆଯିବା ପରେ ୯ ଦୋକାନୀ ସେମାନଙ୍କ ଚୁକ୍ତିପତ୍ର ସମ୍ପାଦନ କରିଥିଲେ। କିନ୍ତୁ ୫ ଦୋକାନୀ ଚୁକ୍ତିପତ୍ର ନକରିବାର କାରଣ ମନ୍ଦିର ପ୍ରଶାସନକୁ ସ୍ପଷ୍ଟ କରିନଥିଲେ। ଏନେଇ ଟ୍ରଷ୍ଟବୋର୍ଡ ୫ ଦୋକାନୀଙ୍କୁ ତୁରନ୍ତ ଚୁକ୍ତିପତ୍ର କରିବାକୁ ୧୫ଦିନିଆ ନୋଟିସ ଦେବାକୁ କୁହାଯାଇଛି। ଅବଗତର ୧୫ ଦିନ ଭିତରେ ଚୁକ୍ତିପତ୍ର ନକଲେ ଦୋକାନ ଉଚ୍ଛେଦ ନିର୍ଦ୍ଦେଶ ଦେବାକୁ କୁହାଯାଇଛି। ଏହି ବୈଠକରେ ଟ୍ରଷ୍ଟବୋର୍ଡ ସଦସ୍ୟ ନିର୍ମଳ ରଥ, ଅଜିତ କୁମାର ଶତପଥୀ, ଇନ୍ଦିଶ ଚନ୍ଦ୍ର ଭୂୟାଁ, କାଳୀପ୍ରସାଦ ମିଶ୍ର ଓ ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଶାନ୍ତ କୁମାର ପାଣି ପ୍ରମୁଖ ଉପସ୍ଥିତ ଥିଲେ।





ପରଲୋକଗତ ସଙ୍ଗୀତଜ୍ଞ ଅଭିଜିତ୍ ମଜୁମ୍ଦାରଙ୍କୁ ଏମ୍ସ ପରିସରରେ ଶେଷ ସମ୍ମାନ

# ଆଇଟିଆଇ ମଙ୍ଗଳକାରୀ ମହାସଂଘର ବାର୍ଷିକ ଅଧିବେଶନ

ଭୁବନେଶ୍ୱର,୨୫।୧(ସମିସ): ରାଜ୍ୟରେ ଥିବା ଆଇଟିଆଇଙ୍କ ସ୍ୱାର୍ଥ ସୁରକ୍ଷା ପାଇଁ ଗତବର୍ଷକ ତଳେ ଗଠନ କରାଯାଇଥିବା ଘରୋଇ ଆଇଟିଆଇ ୱେଲଫେୟାର ଆସୋସିଏସନ୍ ଘରୋଇ ଆଇଟିଆଇ ମଙ୍ଗଳକାରୀ ମହାସଂଘର ଦ୍ୱିତୀୟ ବାର୍ଷିକ ସାଧାରଣ ଅଧିବେଶନ କଳ୍ପନା ଛକସ୍ଥିତ ଏକ ଘରୋଇ ହୋଟେଲ ରେ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ସଂଘର ବରିଷ୍ଠ ସଦସ୍ୟମାନଙ୍କଦ୍ୱାରା ପ୍ରଦୀପ ପ୍ରଜ୍ୱଳନ ଏବଂ ଇଂଜିନିୟର ଶ୍ରୀସନ୍ନ୍ୟାସୀ ଜୀ ଙ୍କ ଦ୍ୱାରା ବେଦ ପାଠ ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା। ସଂଘର ସଭାପତି ଇଂ. ଦେବାଶିଷ ଆଚାର୍ଯ୍ୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ବରିଷ୍ଠ ସଦସ୍ୟ କ୍ଷେତ୍ରବାସୀ ମହନ୍ତ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ସମ୍ପାଦକ ଇଂ.ଦେବୀ ପ୍ରସାଦ ଦାସ ବାର୍ଷିକ ବିବରଣୀ ପାଠ କରିଥିଲେ। କୋଷାଧ୍ୟକ୍ଷ ଇଂ.ଦୀପ୍ତିରଞ୍ଜନ ପଣ୍ଡା ଆୟ ବ୍ୟୟ ବିବରଣୀ ପ୍ରଦାନ କରିଥିଲେ। ଭାପତି ଇଂ. ଦେବାଶିଷ ଆଚାର୍ଯ୍ୟ ଘୋଷଣା କରିଥିଲେ।



ସଂଘ ର ସଦସ୍ୟ ହେବା ପାଇଁ ରାଜ୍ୟର ଆହୁରି ଅନେକ ଆଇ ଟି ଆଇ ପ୍ରମୋଟର ଇଚ୍ଛା ପ୍ରକାଶ କରୁଥିବାରୁ ସେମାନଙ୍କୁ ସାମିଲ କରାଯିବା ନିମନ୍ତେ ପ୍ରସ୍ତାବ ଗୃହୀତ ହୋଇଥିଲା। ବୈଠକରେ ରାଜ୍ୟର ବିଭିନ୍ନ ଜିଲ୍ଲାରୁ ପ୍ରାୟ ଶତାଧିକ ଘରୋଇ ଆଇ ଟି ଆଇ କର୍ତ୍ତୃପକ୍ଷ ଯୋଗ ଦେଇଥିଲେ। ଶେଷରେ ସଂଘର ଯୁଗ୍ମ ସମ୍ପାଦକ ଧର୍ମାଶୋକ ମହାଲାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# ନାବାଳିକାଙ୍କ ଆତ୍ମହତ୍ୟା

ଯାଁଳା,୨୫।୧(ସମିସ): ଇନ୍‌ଫୋଭ୍ୟାଲି ଥାନା ରାଧାଚରଣପୁର ଛକରେ ଭଡ଼ାରେ ରହୁଥିବା ଯାଜପୁରର ବିପିନ ସ୍ୱାଇଁଙ୍କ ଝିଅ କାଜଲ୍ ବେକରେ ଶାଢ଼ି ଲଗାଇ ଆତ୍ମହତ୍ୟା କରିଛନ୍ତି। ମିଳିଥିବା ସୂଚନା ଅନୁସାରେ ଆଜି ସନ୍ଧ୍ୟାବେଳେ କୌଣସି କାରଣରୁ ବିପିନ ସ୍ୱାଇଁଙ୍କ ଝିଅ ଏବଂ ପୁଅ ମଧ୍ୟରେ କଳହ ହୋଇଥିବା ବେଳେ ତାଙ୍କ ନାବାଳିକା ଝିଅ ବେକରେ ଶାଢ଼ି ବାନ୍ଧି ଆତ୍ମହତ୍ୟା କରିଥିଲେ। ଘଟଣା ପରେ ତାଙ୍କୁ ସଙ୍ଗେ ସଙ୍ଗେ ପରିବାର ଲୋକେ ଭୁବନେଶ୍ୱର ଏମ୍ସ ହସ୍ପିଟାଲ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ୍ୟୁ ଘୋଷଣା କରିଥିଲେ। ଆସନ୍ତା କାଲି ଶବ ବ୍ୟବଚ୍ଛେଦ କରାଯାଇ ପରିବାରକୁ ହସ୍ତାନ୍ତର କରାଯିବ।

# ଓଡ଼ିଶୀ ଗୁରୁ କେଳୁଚରଣଙ୍କ ଜନ୍ମଶତବାର୍ଷିକୀ ଓଡ଼ିଶା ଓ ଲଣ୍ଡନରେ ପାଳନ ହେବ




ଭୁବନେଶ୍ୱର,୨୫।୧(ସମିସ): ଓଡ଼ିଶୀଗୁରୁ ପଦ୍ମବିଭୂଷଣ କେଲୁ ଚରଣ ମହାପାତ୍ରଙ୍କର ଜନ୍ମଶତବାର୍ଷିକୀ ପାଳନ ପାଇଁଲଣ୍ଡନଠାରେ 'କଳା ଦି ଆର୍ଟସ୍ .ରିଟି'ର ସଂସ୍ଥାପକ ନୃତ୍ୟଶିଳ୍ପୀ ସୁସ୍ମିତା ପତି ଉଦ୍ୟମ ଆରମ୍ଭ କରିଛନ୍ତି। ୧୯୯୬ ମସିହାରୁ ଲଣ୍ଡନଠାରେ ଓଡ଼ିଶୀ ନୃତ୍ୟର ପ୍ର.ର ଓ ପ୍ରସାର ଉଦ୍ୟମ କରି ଆସୁଥିବା ସୁସ୍ମିତା ଓଡ଼ିଶା ଏବଂ ଲଣ୍ଡନରେ କେଲୁ ଚରଣ ମହାପାତ୍ରଙ୍କ ଜନ୍ମଶତବାର୍ଷିକୀ ପାଳନ କରିବା ଲାଗି ସ୍ଥିରୀକୃତ ହୋଇଛି। ଗୁରୁବାର ପ୍ରେସ୍ କ୍ଲବ ଅଫ୍ ଓଡ଼ିଶାଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଓଡ଼ିଶୀ ନୃତ୍ୟଶିଳ୍ପୀ ଏବଂ 'କଳା ଦି ଆର୍ଟସ୍ .ରିଟି'ର ପ୍ରତିଷ୍ଠାତା ତଥା ସିଇଓ ସୁସ୍ମିତା ପତି କହିଛନ୍ତି, ଏହି ଶତବାର୍ଷିକୀ ପାଳନ ଉତ୍ସବ ରାଜ୍ୟ ସଂଗ୍ରହାଳୟ ସହଯୋଗରେ ଅନୁଷ୍ଠିତ ହେବ। ଇଂଲଣ୍ଡର ବିଭିନ୍ନ ସ୍ଥାନରେ ସୁସ୍ମିତାଙ୍କର ଥିବା ଅନେକ ଓଡ଼ିଶୀ ଛାତ୍ର ଓଡ଼ିଶା ଆସି ନୃତ୍ୟ ପରିବେଷଣ କରିବେ। ଦେଶ ବିଦେଶରେ ଶ୍ରୀଜଗନ୍ନାଥ ସଂସ୍କୃତିର ପ୍ର.ର ଓ ପ୍ରସାରର ଲକ୍ଷ୍ୟ ନେଇ ଏ ପ୍ରକାର ଉଦ୍ୟମ ଆରମ୍ଭ କରିଛନ୍ତି।

# ରାଜ୍ୟ ସ୍କୁଲ ଓପନ ଚେସ୍ ଜିତିଲେ ଅତୀଶ



ଭୁବନେଶ୍ୱର,୨୫।୧(ସମିସ): ୟୁନିଟ-୮ ଡିଏଭି ପବ୍ଲିକ୍ ସ୍କୁଲ୍‌ର ଅତିଶ ନନ୍ଦ ଗୋସ୍ୱାମୀ ୫ମ ଗୋଲାପ ଦେଇ ସ୍ମାରକୀ ରାଜ୍ୟ ଓପନ ଚେସ୍ ଚାମ୍ପିଅନ ହୋଇଛନ୍ତି। ଓଡ଼ିଶା ରାଜ୍ୟ ଚେସ ସଂଘ ଆନୁକୂଲ୍ୟରେ କେଶୁରାସ୍ଥିତ ରୟାଲ ପବ୍ଲିକ୍ ସ୍କୁଲ ପରିସରରେ ଏହି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ସମାନ ସ୍କୁଲ୍‌ର ଅରୀଶ ନନ୍ଦ ଗୋସ୍ୱାମୀ ରନର୍ସ ଅପ୍ ହୋଇଛନ୍ତି। ଏପିଜେ ସ୍କୁଲ୍‌ର ପ୍ରାଂଶୁ ଦାଶ, କଟକ ଗୁରୁ ନାନକ ପବ୍ଲିକ୍ ସ୍କୁଲ୍‌ର ସତ୍ୟମ ସ୍ୱରୂପ ସାହୁ ଓ ବିଜେଇଏମ୍ ସ୍କୁଲ-୧'ର ସାଇକ୍ରିଷ୍ଟା ସାମଲ ତୃତୀୟରୁ ପଞ୍ଚମ ସ୍ଥାନ ଅଧିକାର କରିଛନ୍ତି।

# ବିଜେବି କଲେଜରେ 'ବକ୍ସି ଜଗବନ୍ଧୁ ସ୍ମାରକୀ ବକ୍ତୃତା ସମାରୋହ'



ଭୁବନେଶ୍ୱର, ୨୫।୧(ସମିସ): ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟରେ ସ୍ୱାଧୀନତା ସଂଗ୍ରାମୀ ବକ୍ସି ଜଗବନ୍ଧୁଙ୍କ ୧୯୭ତମ ପୁଣ୍ୟତିଥି ଅବସରରେ 'ବକ୍ସି ଜଗବନ୍ଧୁ ସ୍ମାରକୀ ବକ୍ତୃତା ସମାରୋହ' ଅନୁଷ୍ଠିତ ହୋଇଛି। ମୁଖ୍ୟ ଅତିଥି ଭାବେ ବିଧାୟକ ବାବୁ ସିଂହ ଯୋଗଦେଇ ଓଡ଼ିଶାର ଗୌରବମୟ ଇତିହାସ, ତାହାର ଲୋକପ୍ରିୟତା ଓ ସାଂସ୍କୃତିକ ଐତିହ୍ୟ ବିଷୟରେ ଆଲୋଚନା କରିବା ସହ ବକ୍ସି ଜଗବନ୍ଧୁଙ୍କ ଉଦାତ୍ତ ଚରିତ୍ର ଓ ରାଜ୍ୟ ପ୍ରତି ତାଙ୍କ ଅବଦାନକୁ ସ୍ମରଣ କରିଛନ୍ତି। ମୁଖ୍ୟ ବକ୍ତା ଭାବେ ଲେଖକ ତଥା ଶିକ୍ଷାବିଦ ଡ. ଦାଶ ବେନହୁର ଯୋଗଦେଇ ଓଡ଼ିଆ ଅସ୍ମିତା ସମ୍ପର୍କରେ ଆଲୋକପାତ କରିବା ସହ ବକ୍ସି ଜଗବନ୍ଧୁ ଅସ୍ମିତାର ବାହକ ଥିଲେ ବୋଲି କହିଛନ୍ତି। ମହାବିଦ୍ୟାଳୟର ଅଧ୍ୟକ୍ଷା ପ୍ରଫେସର ଝୁମକୀ ରଥ କାର୍ଯ୍ୟକ୍ରମରେ ସଭାପତିତ୍ୱ କରିବା ସହ ମାତୃଭୂମି ପ୍ରତି ନିଷ୍ଠା ରଖି କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଛନ୍ତି। କାର୍ଯ୍ୟକ୍ରମର ସଂଯୋଜିକା ଡ. ମଧୁବ୍ରତା ଶତପଥୀ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଅଧ୍ୟାପିକା ଲେଖା ଦାସ ମଞ୍ଚ ପରିଚାଳନା ଏବଂ ଅଧ୍ୟାପିକା ନୈନା ସାହୁ ଧନ୍ୟବାଦ ଅର୍ପଣ କରିଛନ୍ତି।

# ମାଘ ସପ୍ତମୀରେ ଭାଗବତ ପ୍ରତିଷ୍ଠା



ନନ୍ଦନକାନନ,୨୫।୧(ସମିସ): ରାଜଧାନୀ ଉପକଣ୍ଠ ରଘୁନାଥପୁର ପଞ୍ଚାୟତର ଭଗବାନପୁରସ୍ଥିତ ଶିଶୁ ସେବା ଗୃହଠାରେ ଭାଗବତ ପ୍ରତିଷ୍ଠା ଉତ୍ସବ ହୋଇଯାଇଛି। ବାରଙ୍ଗ କୁଞ୍ଜ ବିହାରୀ କଲେଜର ଅବସରପ୍ରାପ୍ତ କର୍ମଚାରୀ ଶରତ କୁମାର ମିଶ୍ରଙ୍କ ତତ୍ତ୍ୱାବଧାନରେ ଏହି ଭାଗବତ ପ୍ରତିଷ୍ଠା କାର୍ଯ୍ୟକ୍ରମ କରାଯାଇଛି। ଏହି ଅବସରରେ ଗ୍ରାମର ଛୋଟ ଛୋଟ ପିଲାମାନଙ୍କ ଦ୍ୱାରା ନୃତ୍ୟ ପରିବେଷଣ କରାଯାଇଥିଲା। ବାରଙ୍ଗ ଅଞ୍ଚଳର କାର୍ଯ୍ୟରତ ୭ଜଣ ସାମ୍ବାଦିକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଭଗବାନପୁରର ଭାଗବତ ପ୍ରେମୀ ସବିତା ରାଉତ, ଭଗବତ ସେବକ ଶରତ କୁମାର ମିଶ୍ର, ଗ୍ରାମର ବୁଦ୍ଧିଜୀବୀ ଏବଂ ସହସ୍ରାଧିକ ମହିଳା, ପୁରୁଷ ଯୋଗ ଦେଇଥିଲେ।

## ରାଜ୍ୟସ୍ତରୀୟ ଉଷୁ ଉଦ୍‌ଯାପିତ

# ବରିଷ୍ଠରେ ଖୋର୍ଦ୍ଧା ଦଳଗତ ଚାମ୍ପିଅନ



ଭୁବନେଶ୍ୱର, ୨୫।୧ (ସମିସ): ଦୁଇଦିନିଆ ରାଜ୍ୟସ୍ତରୀୟ ଉଷୁ ପ୍ରତିଯୋଗିତା ରବିବାର ଉଦ୍‌ଯାପିତ ହୋଇଯାଇଛି। ଓଡ଼ିଶା ଉଷୁ ଆସୋସିଏସନ ଓ ଖୋର୍ଦ୍ଧା ଉଷୁ ଆସୋସିଏସନର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ପ୍ରତିଯୋଗିତାରେ ୨୧ ଜିଲ୍ଲାରୁ ୩୫୦ ଖେଳାଳି ଅଂଶଗ୍ରହଣ କରିଥିଲେ। ବରିଷ୍ଠ ବର୍ଗରେ ଖୋର୍ଦ୍ଧା ଦଳଗତ ଚାମ୍ପିଅନ ହୋଇଥିବାବେଳେ ସୁନ୍ଦରଗଡ଼ ଓ କେନ୍ଦୁଝର ଯଥାକ୍ରମେ ପ୍ରଥମ ଓ ଦ୍ୱିତୀୟ ରନର୍ସଅପ୍ ହୋଇଥିଲେ। ସେହିଭଳି କନିଷ୍ଠରେ ସୁନ୍ଦରଗଡ଼ ଚାମ୍ପିଅନ, ଖୋର୍ଦ୍ଧା ପ୍ରଥମ ଓ ସମ୍ବଲପୁର ଦ୍ୱିତୀୟ ରନର୍ସଅପ୍ ହୋଇ ପୁରସ୍କାର ହାସଲ କରିଥିଲା। ଉପକନିଷ୍ଠ କେନ୍ଦୁଝର ଟାଇଟଲ୍ ଜିତିଛି। ଖୋର୍ଦ୍ଧା ରନର୍ସଅପ୍ ଓ ସୁନ୍ଦରଗଡ଼ ୨ୟ ରନର୍ସଅପ୍ ଟ୍ରଫି ହାସଲ କରିଛି। ଉଦ୍‌ଯାପନୀ ଉତ୍ସବରେ ମନୋଜ ତ୍ରିପାଠୀ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। କ୍ରୀଡ଼ା ଓ ଯୁବସେବା ବିଭାଗର ସ୍ୱତନ୍ତ୍ର ଅଧିକାରୀ ଧୀରଜ ପଟ୍ଟନାୟକ, କ୍ଷଣପ୍ରଭା ଷଡ଼ଙ୍ଗୀ, ଆୟୋଜକ କମିଟିର ଅଧ୍ୟକ୍ଷ ପ୍ରିୟଦର୍ଶୀ ମିଶ୍ର, ରାଜ୍ୟ ଉଷୁ ସଂଘର ଅଧ୍ୟକ୍ଷ ସୁଧାଂଶୁ ଶେଖର ହରିଚନ୍ଦନ, ସଭାପତି ବିଷ୍ଣୁମୋହନ ମହାନ୍ତି, ଉପସଭାପତି ବିକାଶ ପଟ୍ଟନାୟକ ପ୍ରମୁଖ ସମ୍ମାନିତ ଅତିଥିଭାବେ ଉପସ୍ଥିତ ରହିଥିଲେ।

## ଆଜି ସାଧାରଣତନ୍ତ୍ର ଦିବସ

# ଫ୍ୟାଶନ୍‌ରେ ଝଟକୁଛି ତ୍ରିରଙ୍ଗା



ଭୁବନେଶ୍ୱର,୨୫।୧(ସମିସ): ସାଧାରଣତନ୍ତ୍ର ଦିବସ ପାଇଁ ତ୍ରିରଙ୍ଗାରେ ଝଟକୁଛି ରାସ୍ତାଘାଟ। କେବଳ ରାସ୍ତାଘାଟ ନୁହେଁ ହାଟ, ବଜାର, ଛୋଟ ବଡ଼ କାର୍ଯ୍ୟାଳୟ ସମେତ ବିଭିନ୍ନ ପର୍ଯ୍ୟଟନସ୍ଥଳ ମଧ୍ୟ ତ୍ରିରଙ୍ଗା ରଙ୍ଗର ଲାଇଟ୍‌ରେ ଝଟକୁଛି। କିନ୍ତୁ ବର୍ଷକୁ ବର୍ଷ ସାଧାରଣତନ୍ତ୍ର ଦିବସ ହେଉ ଅବା ସ୍ୱାଧୀନତା ଦିବସରେ ଏହାର ଟ୍ରେଣ୍ଡ ବଦଳି ଚାଲିଛି। ବିଶେଷ କରି ପୂର୍ବରୁ ଏହି ଦିବସ ମାନଙ୍କରେ ଦୋକାନରେ କେବଳ ଜାତୀୟ ପତାକା ବିକ୍ରି କରାଯାଉଥିଲା। ହେଲେ ଏବେ ଏହି ଦିବସରେ ଫ୍ୟାସନ୍‌ର ଟ୍ରେଣ୍ଡ ଦେଖିବାକୁ ମିଳୁଛି। ଆଗରୁ ଯେଉଁ ଦୋକାନରେ କେବଳ ତ୍ରିରଙ୍ଗା ପତାକା ବିକ୍ରି ପାଇଁ ରଖୁଥିଲେ ଏବେ ସେହି ଦୋକାନୀ ତ୍ରିରଙ୍ଗା ପାତାକା ସାଙ୍ଗକୁ ଚୁଡ଼ି, ଶାଢ଼ି, ଟି ସାର୍ଟ, ରିବନ୍, ଝାଲେରୀ, ବ୍ୟାଜ୍, ପେନ୍‌ଷ୍ଟାଣ୍ଡ, ବ୍ୟାଣ୍ଡ, ଓଢ଼ଣୀ, ଟୋପି, କୁର୍ତ୍ତି ଆଦି ଜାତୀୟ ପତାକା ରଙ୍ଗର ରହିଛି।

ରାଜଧାନୀର ବିଭିନ୍ନ ହାଟ, ବଜାର ଆଦିରେ ସାଧାରଣତନ୍ତ୍ର ଦିବସର ଉତ୍ସାହ ଦେଖିବାକୁ ମିଳିଛି। ବିଶେଷ କରି ସ୍କୁଲ୍ ପିଲାମାନେ ଏହି ସବୁ ସାମଗ୍ରୀ କିଣିବା ପାଇଁ ବେଶ୍ ଆଗଭର ହୋଇପଡ଼ିଛନ୍ତି। ରାଜମହାଲ, ମାଷ୍ଟର କ୍ୟାଣ୍ଟିନ୍, ସିଆରିପିଏଫ୍, ଜାଗମରା, ଡ଼େଲ୍‌ଟା, ଖଣ୍ଡଗିରି ଛକ ମାନଙ୍କରେ ତ୍ରିରଙ୍ଗା ପତାକା ଦୋକାନ ଦେଖିବାକୁ ମିଳିଛି। ଏହି ଦିବସକୁ ଆଖି ଆଗରେ ରଖି ବିଭିନ୍ନ ଦୋକାନୀମାନେ ବିଭିନ୍ନ ପ୍ରକାରର ହେଡ଼କ୍ଲିପ୍, ହେୟାର ବ୍ୟାଣ୍ଡ, ବ୍ରେସ୍‌ଲେଟ୍, ଡ୍ରେସ୍ , ଚୁଡ଼ି, ବେଲୁନ୍ , ଚକ୍ରି ପରି ଅନେକ ସାମଗ୍ରୀ ରହିଛି। ଏହାର ମୂଲ୍ୟ ସବୁ ୫ ଟଙ୍କାରୁ ନେଇ ୫ଶହ ଟଙ୍କା ପର୍ଯ୍ୟନ୍ତ ଅଛି। ବିଶେଷ କରି ଛୋଟ ପିଲାଙ୍କ ପାଇଁ ଓଢ଼ଣୀ, ଧଳା ଟି ସାର୍ଟ, କୁର୍ତ୍ତୀ, କୁର୍ତ୍ତା, ଧଳା ପ୍ୟାଣ୍ଟ ଆଦି ଦୋକାନୀ ସଜେଇକି ରଖିଛନ୍ତି। ଡ୍ରେସ୍ ସେଟ୍ ଏହାର ମୂଲ୍ୟ ସାଢ଼େ ୫ଶହ ଟଙ୍କା ରହିଛି। ଏଥିସହିତ ମହିଳାଙ୍କ ପାଇଁ ଶାଢ଼ି, ଅଳଙ୍କାର ମଧ୍ୟ ରହିଛି। ଯାହାକୁ କିଣିବା ପାଇଁ ମହିଳାଙ୍କ ମନରେ ଏକ ଆଗ୍ରହ ଭରି ରହିଛି। ଏହିପରି ମଧ୍ୟ ବିଭିନ୍ନ ମିଠା ଦୋକାନରେ ଜାତୀୟ ପତାକା ରଙ୍ଗର ମିଠା ମଧ୍ୟ ତିଆରି କରାଯାଇଛି।

ଜାତୀୟ ପତାକା ଓ ଅନ୍ୟ ସାମଗ୍ରୀ ବିକ୍ରି କରୁଥିବା ରାଜମହଲ ଛକର ଦୋକାନୀ କୁହନ୍ତି ଆଗରୁ କେବଳ ପତାକା ବିକ୍ରି କରୁଥିଲି ହେଲେ ଏବେ ଦିନକୁ ଦିନ ଲୋକଙ୍କ ଟ୍ରେଣ୍ଡ ବଦଳୁଛି। ଯାହା ଫଳରେ ତ୍ରିରଙ୍ଗା ରଙ୍ଗ ଏବେ ବିଭିନ୍ନ ସାମଗ୍ରୀରେ ବିଶେଷ କରି ଫ୍ୟାସନ୍‌ରେ ଦେଖିବାକୁ ମିଳୁଛି ବୋଲି ସେ କହିଛନ୍ତି।



# ରାଜ୍ୟସ୍ତରୀୟ ମତଦାତା ଦିବସ

## ସମ୍ମାନିତ ହେଲେ ବାଲିପାଟଣା ତହସିଲଦାର





ବାଲିପାଟଣା,୨୫।୧(ସମିସ) : ଜାତୀୟ ମତଦାତା ଦିବସ ଉପଲକ୍ଷେ ଆୟୋଜିତ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ବାଲିପାଟଣା ତହସିଲଦାର କଳ୍ପନା ଦାସଙ୍କୁ ଶ୍ରେଷ୍ଠ ସହାୟକ ମତଦାତା ପଞ୍ଜୀକରଣଅଧିକାରୀ(ଏଇଆରଓ) ସମ୍ମାନ ପ୍ରଦାନ କରାଯାଇଛି। ମତଦାନ ସଚେତନତା ବୃଦ୍ଧି, ନିର୍ବାଚନୀୟ କାର୍ଯ୍ୟ ସୁଚାରୁ ଭାବେ ସମ୍ପାଦନ ଓ ପ୍ରଶାସନିକ କ୍ଷେତ୍ରରେ ତାଙ୍କ ଉଲ୍ଲେଖନୀୟ ଅବଦାନ ପାଇଁ ତାଙ୍କୁ ଏହି ସମ୍ମାନ ଦିଆଯାଇଛି। ଏହି କାର୍ଯ୍ୟକ୍ରମରେ ରାଜ୍ୟର ବିଭିନ୍ନ ଜିଲ୍ଲାର ଅଧିକାରୀ, ଗଣ୍ୟମାନ୍ୟ ଅତିଥି ଓ ବହୁ ସଂଖ୍ୟକ ମତଦାତା ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ଅବସରରେ ମତଦାନର ଗୁରୁତ୍ୱ, ଲୋକତନ୍ତ୍ରର ସୁଦୃଢତା ଓ ନାଗରିକଙ୍କ ଦାୟିତ୍ୱ ସମ୍ପର୍କରେ ଆଲୋଚନା କରାଯାଇଥିଲା। ସମ୍ମାନନା ପରେ ସୁଶ୍ରୀ ଦାସ ନିଜ ପ୍ରତିକ୍ରିୟାରେ କହିଥିଲେ ଯେ, ଏହି ସମ୍ମାନ ତାଙ୍କୁ ଆଗାମୀ ଦିନରେ ଆହୁରି ଦାୟିତ୍ୱଶୀଳ ଭାବେ କାର୍ଯ୍ୟ କରିବା ପାଇଁ ପ୍ରେରଣା ଦେବ। ସେ ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କ ସହଯୋଗକୁ ଏହି ସଫଳତାର ମୂଳ ଆଧାର ବୋଲି ଉଲ୍ଲେଖ କରିଥିଲେ। ଆୟୋଜକମାନଙ୍କ କହିବାନୁସାରେ, ଏପରି ସମ୍ମାନନା କାର୍ଯ୍ୟକ୍ରମ ଦକ୍ଷ ଓ ସତ୍ୟନିଷ୍ଠ ଅଧିକାରୀମାନଙ୍କୁ ଉତ୍ସାହିତ କରିବା ସହିତ ଲୋକତନ୍ତ୍ରକୁ ଆହୁରି ସୁଦୃଢ଼ କରିଥାଏ।

## ■ କଳାରାହାଙ୍ଗ ବିଦ୍ୟାଳୟରେ ମତଦାତା ଦିବସ



ନନ୍ଦନକାନନ,୨୫।୧(ସମିସ): ଭୁବନେଶ୍ୱର ବ୍ଲକ୍ କଳାରାହାଙ୍ଗ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଜାତୀୟ ମତଦାତା ଦିବସ ୨୦୨୬ ପାଳିତ ହୋଇଛି। ଏହି ଅବସରରେ ରାଜ୍ୟ ନିର୍ବାଚନ ଆୟୋଗ ମଧୁସୂଦନ ପାଢ଼ୀ, ଇସିଆଇର ଲିଗାଲ ଆଡ୍‌ଭୋକେଟ୍ ହାଇକୋର୍ଟ, ବିଭୁପ୍ରସାଦ ତ୍ରିପାଠୀ, ଜେଡିସି ବିଏମ୍‌ସି ଉତ୍ତର ମନ୍ମଥ ନାୟକ, ଡେପୁଟି କଲେକ୍ଟର ଅର୍ଚ୍ଚନା ଦାସ, ଅତିରିକ୍ତ ଅଧିକାରୀ ବିଏମ୍‌ସି, ବାବୁଲା ଦଳାଇ ପ୍ରମୁଖ ଯୋଗଦେଇ ମତଦାତା ଦିବସ ସମ୍ପର୍କରେ ସଚେତନତା କରାଇଥିଲେ। ପ୍ରଧାନଶିକ୍ଷୟିତ୍ରୀ ସସ୍ମିତା ଷଡ଼ଙ୍ଗୀ ,ଶିକ୍ଷକ ସଂଗ୍ରାମ କେଶରୀ ପଟ୍ଟନାୟକ, ସଦାଶିବ ବରାଳ, ସୁଧାକର ବେହେରା, ଶରତ ସାହୁ, ସୁଧାଂଶୁ କିସାନ, ନିରୁପମା ପଲେଇ, ବିଜୟଲକ୍ଷ୍ମୀ ରାଉତ, ସୁଶାନ୍ତ ସାହୁ, ଉମାକାନ୍ତ ବଡ଼ଜେନା ସହିତ ବହୁ ଶିକ୍ଷାର୍ଥୀ ବିଏଲଓ ଓ ଭୋଟର ମାନଙ୍କୁ ସଚେତନ ମୂଳକ ବାର୍ତ୍ତା ସହିତ ପୁରସ୍କାର ପ୍ରଦାନ କରାଯାଇଥିଲା। ଏହି ଅବସରରେ ସଦାଶିବ ବରାଳଙ୍କୁ ଶ୍ରେଷ୍ଠ ସୁପରଭାଇଜର ଓ ବିଓଲୋ ଭାବେ ଲୋଭାବତୀ ସାହୁ ଓ ଅର୍ଚ୍ଚନା ବିଶ୍ୱାଳଙ୍କୁ ପ୍ରଶଂସାପତ୍ର ଖୋର୍ଦ୍ଧା ଜିଲ୍ଲାପାଳ କାର୍ଯ୍ୟାଳୟରେ ପ୍ରଦାନ କରାଯାଇଛି।

## ଫ୍ୟାଶନ୍ କ୍ୟାଲେଣ୍ଡର ଉନ୍ମୋଚିତ



ଭୁବନେଶ୍ୱର,୨୫।୧(ସମିସ): ସୁପରିଚିତ ଫ୍ୟାସନ୍ ଡିଜାଇନର୍ ସେଲିନା ଦୋସନଙ୍କ ଦ୍ୱାରା ହୋଟେଲ ଆର୍ଯ୍ୟା ପ୍ୟାଲେସଠାରେ ଏଜେ ଫ୍ୟାସନ୍ ରିଆଲ୍ଟି ପକ୍ଷରୁ ଫ୍ୟାସନ୍ କ୍ୟାଲେଣ୍ଡର ଉନ୍ମୋଚିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ପ୍ରିୟଦର୍ଶୀ ମିଶ୍ର, ପରିଚୟ ଫାଉଣ୍ଡେସନର ସଭାପତି ଡ. ରୋଜାଲିନ୍ ମିଶ୍ର ଏବଂ ହଲିଉଡ୍ ଅଭିନେତା ଅଶ୍ୱିନୀ କୁମାର ବ୍ରହ୍ମା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କ୍ୟାଲେଣ୍ଡରର ଭୂୟସୀ ପ୍ରଶଂସା କରିଥିଲେ। ଅନୁଷ୍ଠାନର ମୁଖ୍ୟ ସେଲିନା ଦୋସନ୍ ସ୍ୱାଗତ ଭାଷଣ ଦେଇଥିବା ବେଳେ ଅତିଥିଙ୍କ ଦ୍ୱାରା କେଶବ ରାଜ୍ ଏବଂ ରିତେଶ ବେହେରାଙ୍କୁ ସ୍ୱତନ୍ତ୍ର ଭାବରେ ସମ୍ମାନିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଶୁଭୋଜିତ୍ ପଣ୍ଡା ମଞ୍ଚ ପରିଚାଳନା କରିଥିଲେ। ସୂଚନାଯୋଗ୍ୟ ଯେ ଭୁବନେଶ୍ୱରର ବିଭିନ୍ନ ମନୋରମ ସ୍ଥାନରେ ଶିଶୁ ମଡେଲମାନଙ୍କୁ ନେଇ ଏହି କ୍ୟାଲେଣ୍ଡର ପ୍ରସ୍ତୁତ ହୋଇଛି ଯାହା ଓଡ଼ିଶାରେ ପ୍ରଥମ। ଫ୍ୟାସନ୍, ସୃଜନଶୀଳତା ଓ ନୂଆ ପିଢ଼ିର ପ୍ରତିଭାକୁ ନେଇ ପ୍ରସ୍ତୁତ ଏହି କ୍ୟାଲେଣ୍ଡର ସମସ୍ତଙ୍କୁ ବେଶ୍ ଉତ୍ସାହିତ କରିଛି।

## ଜୟଦେବ ପୀଠ ଯଜ୍ଞମଣ୍ଡପର ଶୁଭ ଅନୁକୂଳ



ବାଲିଅନ୍ତା,୨୫।୧(ସମିସ): ବାଲିଅନ୍ତା ବ୍ଲକ ଅଧୀନ ଜୟଦେବ ପୀଠ ପରିସରରେ ଥିବା ଯଜ୍ଞ ମଣ୍ଡପ ନିର୍ମାଣ ନେଇ ଆଜି ଶୁଭ ଅନୁକୂଳ ବିଧି ଅନୁଷ୍ଠିତ ହୋଇଯାଇଛି। ଶାରଳାଶ୍ରୀକ୍ଷେତ୍ରର ବାବା ଅଶୋକ, ଅଜୁ ବାବା, କ୍ରିୟାଯୋଗ ଆଶ୍ରମର ସ୍ୱାମୀ ଆନନ୍ଦ ମହାରାଜାଙ୍କ ସମେତ ଅନେକ ମହାନ ସାଧୁସନ୍ଥ ଯୋଗ ଦେଇ ମନ୍ତ୍ର ଉଚ୍ଚାରଣ ସହ ମଣ୍ଡପର ଶୁଭ ଅନୁକୂଳ କରିଥିଲେ। ଏନେଇ ଆୟୋଜିତ ଧର୍ମୀୟ ସମାବେଶରେ ଭାବଗ୍ରାହୀ ଗୋଚ୍ଛାୟତ ସଭାପତିତ୍ୱ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମାଜସେବୀ ମନୋଜ ପଟ୍ଟନାୟକଙ୍କ ସମେତ ଶରତ ନାୟକ ଏବଂ ଗ୍ରାମ ମୁରବି ଉପସ୍ଥିତ ଥିଲେ।

# ବୃଦ୍ଧାଶ୍ରମଗୁଡ଼ିକର ଉନ୍ନତୀକରଣ



ଭୁବନେଶ୍ୱର,୨୫।୧(ସମିସ): ହେଲ୍‌ପମେଟ୍ ଓ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ୍‌ର ମିଳିତ ଆନୁକୂଲ୍ୟରେ ବହ୍ନିକନ୍ୟା ସ୍ୱାଧୀନତା ସଂଗ୍ରାମୀ ପାର୍ବତୀଗିରିଙ୍କର ଜନ୍ମ ଦିବସଠାରୁ ୫ ଦିନ ଧରି ବୈପ୍ଳବିକ ସ୍ୱାଧୀନତା ସଂଗ୍ରାମୀ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜୟନ୍ତୀ ପର୍ଯ୍ୟନ୍ତ ଓଡ଼ିଶାର ବିଭିନ୍ନ ଜିଲ୍ଲା ଖୋର୍ଦ୍ଧା, ଗଞ୍ଜାମ, ଭଦ୍ରକ, ସମ୍ବଲପୁର ଓ ବରଗଡ଼ ଅଞ୍ଚଳରେ ଥିବା ସମସ୍ତ ବୃଦ୍ଧାଶ୍ରମଗୁଡ଼ିକୁ ଡ୍ରିପ୍ ଫ୍ରିଜ୍, ଇନ୍‌ଭୋଟର୍, କୁଲର୍, ୱାସିଂମେସିନ୍, ଖାଇବା ଟ୍ରେ ଆଦି ଦିଆଯାଇ ଉନ୍ନତି କରଣ କରାଯାଇଛି। ଅନ୍ତେବାସୀମାନଙ୍କର ସୁସ୍ଥ ଜୀବନ ଶୈଳୀ ପାଇଁ ହେଲ୍ପମେଟ୍‌ର ସମ୍ପାଦିକା ନିବେଦିତା ଭଞ୍ଜ ଓ ଷ୍ଟେଟ୍ ବ୍ୟାଙ୍କ୍‌ର ଆଞ୍ଚଳିକ ପ୍ରବନ୍ଧକମାନେ ଯଶୋବନ୍ତ ଦାସ, ଅନୀଲ କୁମାର ମିଶ୍ର, ହରିକ୍ରିଷ୍ଣ ପଣ୍ଡା, ଶ୍ୟାମସୁନ୍ଦର ଠାକୁର ପ୍ରମୁଖ ଯୋଗ ଶିକ୍ଷା, ଆଧାତ୍ମିକ ଚର୍ଚ୍ଚା, ସ୍ୱଚ୍ଛତା ଓ ପରିବେଶ ଉପରେ ସଚେତନ କରାଇଛନ୍ତି।

## ବାସୁଦେବଙ୍କ ପୀଠରେ ବିଶ୍ୱଶାନ୍ତି ମହାଯଜ୍ଞ

ବାଲିଅନ୍ତା,୨୫।୧(ସମିସ): ବାଲିଅନ୍ତା ବ୍ଲକ ଅଧୀନ ଜଟାଧାରୀ ଭଗବତ ବାସୁଦେବଙ୍କ ପୀଠରେ ୪୦ତମ ବିଶ୍ୱଶାନ୍ତି ମହାଯଜ୍ଞ ଚାଲିଛି। ଆସନ୍ତା କାଲି ଯଜ୍ଞର ପୂର୍ଣ୍ଣାହୁତି ପର୍ବ ସନ୍ଧ୍ୟା ୭ଟା ସମୟରେ ସମ୍ପନ୍ନ ହେବ। ଗତ ୨୩ ତାରିଖ ଠାରୁ ପ୍ରତ୍ୟହ ସ୍ୱତନ୍ତ୍ର ପୂଜାନୀତି, ପୂଜାର୍ଚ୍ଚନା, ଭଜନ କୀର୍ତ୍ତନ ଓ ପ୍ରସାଦ ସେବନ ଚାଲିଛି। ୨୩ ତାରିଖରେ ଅଙ୍କୁରାରୋପଣ, କଳସ ଶୋଭାଯାତ୍ରା, ଅଗ୍ନିସଂସ୍ଥାପନ, ସୂର୍ଯ୍ୟାର୍ଚ୍ଚନା, ସର୍ବ ଦେବତା ପୂଜନ, ଧେନୁ ପୂଜନ, ଭଗବତ ଗୀତା ଆହୁତି ଏବଂ ଆସନ୍ତା କାଲି ପୂର୍ଣ୍ଣାହୂତି ଓ ପ୍ରସାଦ ସେବନ ଅନୁଷ୍ଠିତ ହେବ। ଏହି ଅବସରରେ ହଜାର୍ ହଜାର ଲୋକଙ୍କର ପୀଠରେ ସମାଗମ ହେଉଛି। ପ୍ରତ୍ୟହ ସନ୍ଧ୍ୟାରେ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁଙ୍କ ଲାଗି ପ୍ରସାଦ ସେବନର ବ୍ୟବସ୍ଥା ହୋଇଛି।









## ଦେବର୍ଷି ମଣ୍ଡଳୀ ପକ୍ଷରୁ ସାମ୍ବାଦିକ ବନବିହାର



ଭୁବନେଶ୍ୱର,୨୫।୧(ସମିସ): ରାଜଧାନୀର ଜୟଦେବ ବାଟିକାରେ ରବିବାର ଦେବର୍ଷି ମଣ୍ଡଳୀ ଆନୁକୂଲ୍ୟରେ ସାମ୍ବାଦିକ ବାନବିହାର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ରାଜ୍ୟର ବିଭିନ୍ନ ଛାପା ଓ ଡିଜିଟାଲ ଗଣମାଧ୍ୟମର ବହୁ ସାମ୍ବାଦିକ ଉପସ୍ଥିତ ରହିଥିଲେ।

ଏହି ସାମ୍ବାଦିକ ସମାଗମରେ ଓଡ଼ିଶାର ବରିଷ୍ଠ ସାମ୍ବାଦିକ ରାଜାରାମ ଶତପଥୀ ମୁଖ୍ୟ ଅତିଥି ଭାବେ ଉପସ୍ଥିତ ଥିଲେ। ତାଙ୍କ ସହ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ସହ କ୍ଷେତ୍ର ପ୍ରଚାରକ ଜଗଦୀଶ ପ୍ରସାଦ ଖାଡ଼ଙ୍ଗା ବିଶିଷ୍ଟ ଅତିଥି ଭାବେ ଉପସ୍ଥିତ ରହି ଦେଶ, ସମ୍ବିଧାନ, ନାଗରିକ କର୍ତ୍ତବ୍ୟ, ଭାରତୀୟତା ଓ ହିନ୍ଦୁତ୍ୱର ଦୃଷ୍ଟିକୋଣ ଉପରେ ଆଲୋକପାତ କରିଥିଲେ। ପରିବାର ନିୟୋଜନ ଓ ସମାଜ ପରିବର୍ତ୍ତନରେ ପରିବାରର ଭୂମିକାକୁ ମଧ୍ୟ ସାମ୍ବାଦିକ ବନ୍ଧୁମାନଙ୍କ ସମ୍ମୁଖରେ ଉପସ୍ଥାପନ କରିଥିଲେ। ଦ୍ୱିତୀୟ ସତ୍ରରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ଓଡ଼ିଶା ପ୍ରାନ୍ତ ପ୍ରଚାର ପ୍ରମୁଖ ସୃଷ୍ଟିଧର ବିଶ୍ୱାଳ ନିଜର ଅଭିଭାଷଣରେ ସାମ୍ବାଦିକତାର ମୌଳିକ ନୀତି ଓ ସାମ୍ବାଦିକଙ୍କ କର୍ତ୍ତବ୍ୟ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ସାମ୍ବାଦିକ ବନବିହାରରେ ସାମ୍ବାଦିକମାନେ ସକ୍ରିୟ ଭାବେ ଅଂଶଗ୍ରହଣ କରି ବିଭିନ୍ନ ପ୍ରସଙ୍ଗରେ ମତ ବିନିମୟ କରିଥିଲେ।

## ଉତ୍କଳ ସାମ୍ବାଦିକ ସଂଘର ପ୍ରତିଷ୍ଠା ଉତ୍ସବ

ଭୁବନେଶ୍ୱର,୨୫।୧(ସମିସ): ରାଜ୍ୟର ସର୍ବପୁରାତନ ଓ ସର୍ବବୃହତ ସାମ୍ବାଦିକ ସଂଗଠନ ଉତ୍କଳ ସାମ୍ବାଦିକ ସଂଘର ୮୨ ତମ ପ୍ରତିଷ୍ଠା ଦିବସ ଭୁବନେଶ୍ୱରସ୍ଥିତ ରାଜ୍ୟ କାର୍ଯ୍ୟାଳୟରେ ରବିବାର ପାଳିତ ହୋଇଯାଇଛି। ସଂଘର ରାଜ୍ୟ ସଭାପତି ବିଭୂତି ଭୂଷଣ କରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସାଧାରଣ ସମ୍ପାଦକ ବେଣୁଧର ପଣ୍ଡା, କାର୍ଯ୍ୟକାରୀ ସଭାପତି ପୂର୍ଣ୍ଣଚନ୍ଦ୍ର ନାୟକ, କୋଷାଧ୍ୟକ୍ଷ ରାଜେନ୍ ଚୌଧୁରୀ, ଭକ୍ତ ଶେଖର ରାୟ, ଟୁଲୁ ପାତ୍ର ପ୍ରମୁଖ ଯୋଗଦେଇ ଉତ୍ସବ ପାଳନ କରିଥିଲେ। ଆଗାମୀ ଦିନରେ ରାଜ୍ୟ ସଂଘର ନୂତନ ଗୃହ ନିର୍ମାଣ ପାଇଁ ଶିଳାନ୍ୟାସ ଉତ୍ସବ ହେବାକୁ ଥିବାରୁ ପ୍ରତିଷ୍ଠା ଦିବସକୁ ନିରାଡମ୍ବର ଭାବେ ପାଳନ କରାଯାଇଥିଲା। ଶେଷରେ ସଂଘର ଉପଦେଷ୍ଟା ପବିତ୍ର ମହାରଥା ଧନ୍ୟବାଦ୍ ଅର୍ପଣ କରିଥିଲେ।





# କନ୍ଦଲେଇରେ ନିଆରା ପତାକା ଉତ୍ତୋଳନ ପରମ୍ପରା



ଭୁବନେଶ୍ୱର,୨୫।୧(ସମିସ): ଚନ୍ଦକା-ଡ଼ମପଡ଼ା ହସ୍ତୀ ଅଭୟାରଣ୍ୟ କୋଳରେ ଅବସ୍ଥିତ ଆଦିବାସୀ ପଲ୍ଲୀ କନ୍ଦଲେଇ ସମସ୍ତଙ୍କ ପାଇଁ ଏକ ନିଆରା ଉଦାହରଣ ସୃଷ୍ଟି କରିଛି। ସାଧାରଣତଃ ସରକାରୀ ଉତ୍ସବ ମାନଙ୍କରେ କୌଣସି ମନ୍ତ୍ରୀ ବା ପ୍ରଶାସନିକ ଅଧିକାରୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପତାକା ଉତ୍ତୋଳନ କରିଥାନ୍ତି। କିନ୍ତୁ ଏଠାକାର ପ୍ରାଥମିକ ବିଦ୍ୟାଳୟରେ ଦେଖିବାକୁ ମିଳେ ଏକ ସମ୍ପୂର୍ଣ୍ଣ ଭିନ୍ନ ଚିତ୍ର। ପ୍ରତିବର୍ଷ ଜାତୀୟ ପର୍ବ ଅବସରରେ ଏହି ବିଦ୍ୟାଳୟରେ କୋମଳମତି ଛାତ୍ରଛାତ୍ରୀମାନେ ନିଜେ ମୁଖ୍ୟଅତିଥି ସାଜି ଜାତୀୟ ପତାକା ଉତ୍ତୋଳନ କରିଥାନ୍ତି। ଏହି ଅଭିନବ ପ୍ରୟାସ ପଛରେ ରହିଛି ଏକ ମହତ୍ ଉଦ୍ଦେଶ୍ୟ। ଭାରତର ଭବିଷ୍ୟତ ଆଜିର ଶିଶୁମାନଙ୍କ ହାତରେ ସୁରକ୍ଷିତର ବାର୍ତ୍ତା ଦିଆଯାଇଥାଏ। ୨୦୧୬ ମସିହାଠାରୁ ଏଭଳି ପ୍ରୟାସରେ ଗାଁରେ ଉଡୁଛି ଜାତୀୟ ପତାକା। ଗାଆଁର ବିକାଶ ନେଇ କାର୍ଯ୍ୟ କରୁଥିବା ସାମାଜିକକର୍ମୀ ସୁଶାନ୍ତ ସାହୁ ପ୍ରଥମେ ଏପରି ଏକ ଜାତୀୟ ପର୍ବ ପାଳନ ଓ ବିଦ୍ୟାର୍ଥୀଙ୍କ ଦ୍ୱାରା ଜାତୀୟ ପତାକା ଉତ୍ତୋଳନ ପାଇଁ ଗ୍ରାମର ଲୋକଙ୍କୁ ପ୍ରବର୍ତ୍ତାଇଥିଲେ। ଏହି ନିଷ୍ପତ୍ତି ପିଲାମାନଙ୍କ ମଧ୍ୟରେ ଆତ୍ମବିଶ୍ୱାସ ବୃଦ୍ଧି କରିବା ସହ ସେମାନଙ୍କୁ ଦେଶ ପ୍ରେମର ମନ୍ତ୍ରରେ ଦୀକ୍ଷିତ କରୁଛି ବୋଲି ସେ କହିଥିଲେ।

